ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ (ଭାଗ - ୨)

108 Upanishad (Vol – 2)


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା**' ଓ '**ବ୍ରହ୍ମବିଦ୍ୟା**' ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଲିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ୱତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ଯାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ୟ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ସାମାନ୍ୟ ଉପନିଷଦ

(Minor Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ସାବିତ୍ରୀ ଉପନିଷଦ

(Savitryupanisat / Saavitrii Upanishad)

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ (**Proofreading by)

ଶ୍ରୀ ଶେଷଦେବ ଦାଶ



## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com

## ଶୁଦ୍ଧିକରଣ



## ଶ୍ରୀ ଶେଷଦେବ ଦାଶ

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ସାବିତ୍ର୍ୟୁପନିଷତ୍ / ସାବିତ୍ରୀ ଉପନିଷଦ

## ।। ଅଥ ସାବିତ୍ର୍ୟୁପନିଷତ୍ ।।

ସାବିତ୍ର୍ୟୁପନିଷଦ୍ବେଦ୍ୟଚିସ୍ରାବିତ୍ରପଦୋଜ୍ଜ୍ୱଲମ୍ ।
ପ୍ରତିଯୋଗିବିନିର୍ମୁକ୍ତଂ ରାମଚନ୍ଦ୍ରପଦଂ ଭଜେ ।। ୧।।

ସାବିତ୍ର୍ୟାତ୍ମା ପାଶୁପତଂ ପରଂବ୍ରହ୍ମାବଧୂତକମ୍ ।
ତ୍ରିପୁରାତପନଂ ଦେବୀ ତ୍ରିପୁରା କଠଭାବନା ।। ୨।।

ଓଁ ଆପ୍ୟାୟନ୍ତୁ ମମାଙ୍ଗାନି ବାକ୍ପ୍ରାଣଶ୍ଚକ୍ଷୁଃ ଶ୍ରୋତ୍ରମଥୋ ବଲମିନ୍ଦ୍ରିୟାଣି ଚ ।
ସର୍ବାଣି ସର୍ବଂ ବ୍ରହ୍ମୋପନିଷଦଂ ମାହଂ ବ୍ରହ୍ମ ନିରାକୁର୍ୟାଂ ମା ମା ବ୍ରହ୍ମ
ନିରାକରୋଦନିରାକରଣମସ୍ତ୍ୱନିରାକରଣଂ ମେଽସ୍ତୁ ।
ତଦାତ୍ମନି ନିରତେ ୟ ଉପନିଷତ୍ସୁ ଧର୍ମାସ୍ତେ ମୟି ସନ୍ତୁ ତେ ମୟି ସନ୍ତୁ ।।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ।।

କଃ ସବିତା କା ସାବିତ୍ରୀ ଅଗ୍ନିରେବ ସବିତା ପୃଥିବୀ ସାବିତ୍ରୀ ସ
ୟତ୍ରାଗ୍ନିସ୍ତତ୍-ପୃଥିବୀ ୟତ୍ର ବୈ ପୃଥିବୀ ତତ୍ରାଗ୍ନିସ୍ତେ ଦ୍ୱେ ୟୋନୀ ତଦେକଂ ମିଥୁନମ୍ ।। ୧।।

କଃ ସବିତା କା ସବିତ୍ରୀ ବରୁଣ ଏବ ସବିତାଽଽପଃ ସାବିତ୍ରୀ ସ ୟତ୍ର
ବରୁଣସ୍ତଦାପୋ ୟତ୍ର ବା ଆପସ୍ତଦ୍ୱରୁଣସ୍ତେ ଦ୍ୱେ ୟୋନୀ ତଦେକଂ ମିଥୁନମ୍ ।। ୨।।

କଃ ସବିତା କା ସାବିତ୍ରୀ ବାୟୁରେବ ସବିତାକାଶଃ ସାବିତ୍ରୀ ସ ୟତ୍ର
ବାୟୁସ୍ତଦାକାଶୋ ୟତ୍ର ବା ଆକାଶସ୍ତଦ୍ୱାୟୁସ୍ତେ ଦ୍ୱେ ୟୋନୀ ତଦେକଂ ମିଥୁନମ୍ ।। ୩।।

Not For Commercial Use

କଃ ସବିତା କା ସାବିତ୍ରୀ ଯଜ୍ଞ ଏବ ସବିତା ଛନ୍ଦାଂସି ସାବିତ୍ରୀ ସ ଯତ୍ର
ଯଜ୍ଞସ୍ତତ୍ର ଛନ୍ଦାଂସି ଯତ୍ର ବା ଛନ୍ଦାଂସି ସ ଯଜ୍ଞସ୍ତେ ଦ୍ୱେ ଯୋନୀ ତଦେକଂ ମିଥୁନମ୍ ।। ୪।।

କଃ ସବିତା କା ସାବିତ୍ରୀ ସ୍ତନୟିତ୍ନୁରେବ ସବିତା ବିଦ୍ୟୁତ୍ସାବିତ୍ରୀ ସ ଯତ୍ର
ସ୍ତନୟିତ୍ନୁସ୍ତଦ୍ୱିଦ୍ୟୁତ୍ ଯତ୍ର ବା ବିଦ୍ୟୁତ୍ତତ୍ର ସ୍ତନୟିତ୍ନୁସ୍ତେ ଦ୍ୱେ ଯୋନୀ ତଦେକଂ ମିଥୁନମ୍ ।। ୫।।

କଃ ସବିତା କା ସାବିତ୍ରୀ ଆଦିତ୍ୟ ଏବ ସବିତା ଦ୍ୟୌଃ ସାବିତ୍ରୀ ସ
ଯତ୍ରାଦିତ୍ୟସ୍ତଦ୍ଦ୍ୟୌର୍ୟତ୍ର ବା ଦ୍ୟୌସ୍ତଦାଦିତ୍ୟସ୍ତେ ଦ୍ୱେ ଯୋନୀ ତଦେକଂ ମିଥୁନମ୍ ।। ୬।।

କଃ ସବିତା କା ସାବିତ୍ରୀ ଚନ୍ଦ୍ର ଏବ ସବିତା ନକ୍ଷତ୍ରାଣି ସାବିତ୍ରୀ ସ ଯତ୍ର
ଚନ୍ଦ୍ରସ୍ତନ୍ନକ୍ଷତ୍ରାଣି ଯତ୍ର ବା ନକ୍ଷତ୍ରାଣି ସ ଚନ୍ଦ୍ରମାସ୍ତେ ଦ୍ୱେ ଯୋନୀ ତଦେକଂ ମିଥୁନମ୍ ।। ୭।।

କଃ ସବିତା କା ସାବିତ୍ରୀ ମନ ଏବ ସବିତା ବାକ୍ ସାବିତ୍ରୀ ସ ଯତ୍ର
ମନସ୍ତଦ୍ୱାକ୍ ଯତ୍ର ବା ବାକ୍ ତନ୍ମନସ୍ତେ ଦ୍ୱେ ଯୋନୀ ତଦେକଂ ମିଥୁନମ୍ ।। ୮।।

କଃ ସବିତା କା ସାବିତ୍ରୀ ପୁରୁଷ ଏବ ସବିତା ସ୍ତ୍ରୀ ସାବିତ୍ରୀ ସ ଯତ୍ର
ପୁରୁଷସ୍ତତ୍ସ୍ତ୍ରୀ ଯତ୍ର ବା ସ୍ତ୍ରୀ ସ ପୁରୁଷସ୍ତେ ଦ୍ୱେ ଯୋନୀ ତଦେକଂ ମିଥୁନମ୍ ।। ୯।।

ତସ୍ୟା ଏବ ପ୍ରଥମଃ ପାଦୋ ଭୂସ୍ତତ୍ସବିତୁର୍ବରେଣ୍ୟମିତ୍ୟଗ୍ନିର୍ବୈ
ବରେଣ୍ୟମାପୋ ବରେଣ୍ୟଂ ଚନ୍ଦ୍ରମା ବରେଣ୍ୟମ୍ ।
ତସ୍ୟା ଏବ ଦ୍ୱିତୀୟଃ ପାଦୋ ଭର୍ଗମୟୋଽପି ଭୁବୋ ଭର୍ଗୋ ଦେବସ୍ୟ
ଧୀମହୀତ୍ୟଗ୍ନିର୍ବୈ ଭର୍ଗ ଆଦିତ୍ୟୋ ବୈ ଭର୍ଗଶ୍ଚନ୍ଦ୍ରମା ବୈ ଭର୍ଗଃ ।
ତସ୍ୟା ଏଷ ତୃତୀୟଃ ପାଦଃ ସ୍ୱର୍ଧିୟୋ ୟୋ ନଃ ପ୍ରଚୋଦୟାଦିତି ।
ସ୍ତ୍ରୀ ଚୈବ ପୁରୁଷଶ୍ଚ ପ୍ରଜନୟତୋ ୟୋ ବା ଏତାଂ ସାବିତ୍ରୀମେବଂ
ବେଦ ସ ପୁନର୍ମୃତ୍ୟୁଂ ଜୟତି ବଲାତିବଲୟୋର୍ବିରାଟ୍ ପୁରୁଷ ଋଷିଃ ।



Not For Commercial Use

ଗାୟତ୍ରୀ ଛନ୍ଦଃ । ଗାୟତ୍ରୀ ଦେବତା । ଅକାରୋକାରମକାରା ବୀଜାଦ୍ୟାଃ ।
କ୍ଷୁଧାଦିନିରସନେ ବିନିୟୋଗଃ । କ୍ଲାମିତ୍ୟାଦିଷଡଙ୍ଗନ୍ୟାସଃ । ଧ୍ୟାନମ୍ ।
ଅମୃତକରତଲାର୍ଦ୍ରୌ ସର୍ବସଂଜୀବନାଢ୍ୟାବଘହରଣସୁଦକ୍ଷୌ ବେଦସାରେ ମୟୂଖେ ।
ପ୍ରଣବମୟବିକାରୌ ଭାସ୍କରାକାରଦେହୌ ସତତମନୁଭବେଽହଂ ତୌ ବଲାତିବଲାନ୍ତୌ ।।

ଓଁ ହ୍ରୀଂ ବଲେ ମହାଦେବି ହ୍ରୀଂ ମହାବଲେ କ୍ଲୀଂ ଚତୁର୍ବିଧପୁରୁଷାର୍ଥସିଦ୍ଧିପ୍ରଦେ
ତସ୍ତ୍ରବିତୁର୍ବରଦାତ୍ମିକେ ହ୍ରୀଂ ବରେଣ୍ୟଂ ଭର୍ଗୋ ଦେବସ୍ୟ ବରଦାତ୍ମିକେ ଅତିବଲେ
ସର୍ବଦୟାମୂର୍ତେ ବଲେ ସର୍ବକ୍ଷୁଦ୍-ଭ୍ରମୋପନାଶିନି ଧୀମହି ଧିୟୋ ୟୋ ନୋ ର୍ଜାତେ
ପ୍ରଚୁର୍ୟଃ ୟା ପ୍ରଚୋଦୟାଦାତ୍ମିକେ ପ୍ରଣବଶିରସ୍କାତ୍ମିକେ ହୁଂ ଫଟ୍ ସ୍ୱାହା ।
ଏବଂ ବିଦ୍ୱାନ୍ କୃତକୃତ୍ୟୋ ଭବତି ସାବିତ୍ର୍ୟା ଏବ ସଲୋକତାଂ ଜୟତୀତ୍ୟୁପନିଷତ୍ ।। ୧।।

ଓଁ ଆପ୍ୟାୟନ୍ତୁ ମମାଙ୍ଗାନି ବାକ୍ପ୍ରାଣଶ୍ଚକ୍ଷୁଃ ଶ୍ରୋତ୍ରମଥୋ ବଲମିନ୍ଦ୍ରିୟାଣି ଚ ।
ସର୍ବାଣି ସର୍ବଂ ବ୍ରହ୍ମୋପନିଷଦଂ ମାହଂ ବ୍ରହ୍ମ ନିରାକୁର୍ୟାଂ ମା ମା ବ୍ରହ୍ମ
ନିରାକରୋଦନିରାକରଣମସ୍ତ୍ୱନିରାକରଣଂ ମେଽସ୍ତୁ ।
ତଦାତ୍ମନି ନିରତେ ୟ ଉପନିଷତ୍ସୁ ଧର୍ମାସ୍ତେ ମୟି ସନ୍ତୁ ତେ ମୟି ସନ୍ତୁ ।।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ତତ୍ସତ୍ ।।

## ।। ଇତି ସାବିତ୍ର୍ୟୁପନିଷତ୍ସମାପ୍ତା ।।

Not For Commercial Use